# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 14th May - 2025

*********************************

## ମୁଖ୍ୟ ସମ୍ବାଦ

- ଦେଶର ୫୨ତମ ପ୍ରଧାନ ବିଚାରପତି ଭାବେ ଶପଥ ଗ୍ରହଣ କଲେ ଜଷ୍ଟିସ୍ ଭୂଷଣ ରାମକୃଷ୍ଣ ଗବଇ ।

- ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ୬ଟି ପ୍ରସ୍ତାବକୁ ଅନୁମୋଦନ ।

- ଶତ୍ରୁପକ୍ଷର ପ୍ରତ୍ୟେକ ଆହ୍ୱାନର ଉଚିତ ଜବାବ ଦେବାପାଇଁ ଭାରତୀୟ ସେନାବାହିନୀ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ; ତ୍ରିରଙ୍ଗା ଶୋଭାଯାତ୍ରାର ଶୁଭାରମ୍ଭ କରି କହିଲେ ମୁଖ୍ୟମନ୍ତ୍ରୀ ।

- ବିକଶିତ ଓଡ଼ିଶା ଲକ୍ଷ୍ୟ ହାସଲ ପାଇଁ ସବୁଜ ଶକ୍ତିର ବ୍ୟବହାର ବୃଦ୍ଧି ଉପରେ ସରକାରଙ୍କ ଗୁରୁତ୍ୱ ପ୍ରଦାନ ।

ଏବଂ

- ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଘଡ଼ଘଡ଼ି ସହ ବର୍ଷା ହେବା ନେଇ ୧୯ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କଲା ପାଣିପାଗ କେନ୍ଦ୍ର ।

***Desk***

# ପ୍ରଧାନ ବିଚାରପତି

ଜଷ୍ଟିସ୍ ଭୂଷଣ ରାମକୃଷ୍ଣ ଗବଇ ଆଜି ଦେଶର ୫୨ତମ ପ୍ରଧାନ ବିଚାରପତି ଭାବେ ଶପଥ ଗ୍ରହଣ କରିଛନ୍ତି ।  ରାଷ୍ଟ୍ରପତି ଭବନରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତାଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି।

ଆସନ୍ତା ନଭେମ୍ବର ୨୪ ତାରିଖ ପର୍ଯ୍ୟନ୍ତ ଜଷ୍ଟିସ ଗବଇ ଏହି ପଦବୀରେ ରହିବେ । ୨୦୦୩ ମସିହା ନଭେମ୍ବର ୧୪ ତାରିଖରେ ସେ ବମ୍ବେ ହାଇକୋର୍ଟର ଅତିରିକ୍ତ ବିଚାରପତି ପଦବୀକୁ ଉନ୍ନୀତ ହୋଇଥିଲେ। ପରବର୍ତ୍ତୀ ସମୟରେ ୨୦୧୯ ମସିହାରେ ଜଷ୍ଟିସ ଗବଇ ସୁପ୍ରିମକୋର୍ଟର ବିଚାରପତି ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ସୂଚନାଯୋଗ୍ୟ, ଜଷ୍ଟିସ୍ ସଞ୍ଜୀବ ଖାନ୍ନା ଗତକାଲି ପ୍ରଧାନ ବିଚାରପତି ପଦରୁ ଅବସର ଗ୍ରହଣ କରିଛନ୍ତି ।

***BBSR/R***

# ରାଜ୍ୟ କ୍ୟାବିନେଟ୍

ରାଜ୍ୟ କ୍ୟାବିନେଟ୍‌ର ଗୁରୁତ୍ୱପୂର୍ଣ୍ଣ ବୈଠକ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଭୁବନେଶ୍ୱରସ୍ଥିତ ଲୋକସେବା ଭବନରେ ଜାରି

ରହିଛି । ବୈଠକରେ ତଫସିଲ୍ ଭୁକ୍ତ ଜାତି ଓ ଜନଜାତି ଏବଂ ପଛୁଆ ବର୍ଗ ଅନ୍ୟ କେତେକ ବିଭାଗ ଉପରେ କିଛି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯିବାର ସମ୍ଭାବନା ରହିଛି ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି ।

***Desk***

# ସରକାରୀ ଜମି - ଶିଳ୍ପ

ରାଜ୍ୟ ସରକାରଙ୍କଠାରୁ ଜମି ନେଇ ଶିଳ୍ପ ପ୍ରତିଷ୍ଠା କରୁ ନ ଥିବା ଶିଳ୍ପାନୁଷ୍ଠାନଗୁଡ଼ିକରୁ ଜମି ଫେରାଇ ଅଣାଯିବ ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି । ଆସନ୍ତା ୨ ମାସ ମଧ୍ୟରେ ତାଲିକା ପ୍ରସ୍ତୁତ ପାଇଁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଆବଶ୍ୟକତାଠାରୁ ଅଧିକ ଜମି ରଖିବା ଏବଂ ଏହାର ଉପଯୁକ୍ତ ବିନିଯୋଗ କରୁ ନ ଥିବା ଶିଳ୍ପସଂସ୍ଥା ଜମି ଫେରସ୍ତ କରିବେ ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି ।

***Voice :...........***

***BBSR/R***

## ଉପମୁଖ୍ୟମନ୍ତ୍ରୀ - ସବୁଜଶକ୍ତି

ବିକଶିତ ଓଡ଼ିଶା ଲକ୍ଷ୍ୟ ହାସଲପାଇଁ ସବୁଜ ଶକ୍ତିର ବ୍ୟବହାର ବୃଦ୍ଧି କରିବାକୁ ହେବ ବୋଲି ଶକ୍ତି ବିଭାଗ ଦାୟିତ୍ୱରେ ଥିବା ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଛନ୍ତି । ଭୁବନେଶ୍ୱରସ୍ଥିତ ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ଶ୍ରୀ ସିଂହଦେଓ କହିଛନ୍ତି, ଭାରତ ଆଜି ଅକ୍ଷୟ ଶକ୍ତି କ୍ଷେତ୍ରରେ ଏକ ଅଗ୍ରଣୀ ଦେଶ ଭାବେ ପରିଗଣିତ ହୋଇପାରିଛି । ପି.ଏମ୍. ସୂର୍ଯ୍ୟଘର ଯୋଜନା ଅଧୀନରେ ରିହାତି ଜରିଆରେ ସୌର ପ୍ୟାନେଲ୍ ଲଗାଇବା, ବିଦ୍ୟୁତ୍‌ଚାଳିତ ଯାନର ଚାର୍ଜିଂପାଇଁ ଇ.ଭି. ଷ୍ଟେସନ୍ ନିର୍ମାଣ ନିମନ୍ତେ ଭିତ୍ତିଭୂମି ସୁଦୃଢ଼ କରାଯାଉଛି । ଏହାସହ ରାଜ୍ୟରେ ଖୁବ୍‌ଶୀଘ୍ର ଇ.ଭି. ପଲିସି କାର୍ଯ୍ୟକାରୀ କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି । ରାଜ୍ୟରେ ବିଦ୍ୟୁତ୍ ଭିତ୍ତିଭୂମି ଖୁବ୍ ସୁଦୃଢ଼ ଥିବାବେଳେ ଦେଶର ପ୍ରମୁଖ ୧୦ଟି ବିଦ୍ୟୁତ୍ ବିତରଣ କମ୍ପାନୀ ମଧ୍ୟରେ ଓଡ଼ିଶା ତୃତୀୟ ସ୍ଥାନରେ ରହିଥିବା ଜଣାପଡ଼ିଛି ।

***BBSR/R***

## ଓରେରା - ଅଧ୍ୟକ୍ଷ

ରାଜ୍ୟ ସରକାର ଅସିତ୍ କୁମାର ମହାପାତ୍ରଙ୍କୁ ଓଡ଼ିଶା ରିୟଲ୍ ଇଷ୍ଟେଟ୍ ନିୟାମକ ପ୍ରାଧିକରଣ - ଓରେରା'ର ଅଧ୍ୟକ୍ଷ ଏବଂ ରାଜେନ୍ଦ୍ର ମିଶ୍ର ଓ

ଶ୍ୟାମସୁନ୍ଦର ଦାସଙ୍କୁ ସଦସ୍ୟ ଭାବେ ନିଯୁକ୍ତି ପ୍ରଦାନ କରିଛନ୍ତି । ଏନେଇ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି ।

***Desk***

## ଏସ୍.ସି.ବି. ଅଧ୍ୟକ୍ଷ

ପ୍ରଫେସର ଡକ୍ଟର ଗୌତମ ଶତପଥୀଙ୍କୁ କଟକ ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡିକାଲ୍ କଲେଜ୍ ଏବଂ ହସ୍ପିଟାଲ୍‌ର ଭାରପ୍ରାପ୍ତ ଅଧୀକ୍ଷକ ଭାବେ ଦାୟିତ୍ୱ ଦିଆଯାଇଛି । ଏନେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି ।

***Desk***

## ତ୍ରିରଙ୍ଗା ଯାତ୍ରା

ଶତ୍ରୁପକ୍ଷର ପ୍ରତ୍ୟେକ ଆହ୍ୱାନର ଉଚିତ ଜବାବ ଦେବାପାଇଁ ଆମ ସେନାବାହିନୀ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ଭୁବନେଶ୍ୱର କଳିଙ୍ଗ ଷ୍ଟାଡ଼ିୟମ୍‌ଠାରେ ତ୍ରିରଙ୍ଗା ବାଇକ୍ ଶୋଭାଯାତ୍ରାର ଶୁଭାରମ୍ଭ ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଜାତି-ଧର୍ମ-ନିର୍ବିଶେଷରେ ସବୁ ଭାରତୀୟ ତ୍ରିରଙ୍ଗା ତଳେ ଏକଜୁଟ ହେଲେ ହିଁ

ସଫଳତାର ସହ ଶତ୍ରୁର ଆମେ ମୁକାବିଲା କରିପାରିବା । ତ୍ରିରଙ୍ଗାର ତିନି ରଙ୍ଗ ଆମକୁ ଶ୍ରଦ୍ଧା ଓ ସୌହାର୍ଦ୍ଦ୍ୟର ଆଦର୍ଶରେ ଅନୁପ୍ରାଣିତ କରିଥାଏ। ଆମ ଜାତୀୟ ପତାକା, ଆମର ସଂକଳ୍ପ, ସଂଘର୍ଷ, ବଳିଦାନ ଓ ତ୍ୟାଗର ପ୍ରେରଣାଦାୟୀ ମୁକସାକ୍ଷୀ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

ତ୍ରିରଙ୍ଗା ବାଇକ ଶୋଭାଯାତ୍ରାରେ ପୁଲିସ ବାହିନୀ, ସୁରକ୍ଷା ବାହିନୀ, ଲୋକ ପ୍ରତିନିଧି ଏବଂ ସାଧାରଣ ଜନତା ସାମିଲ ହୋଇଥିଲେ। ଭାରତୀୟ ସଶସ୍ତ୍ର ବାହିନୀର ପାକିସ୍ତାନ ବିରୋଧରେ ସଫଳ ପଦକ୍ଷେପ ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇବା ଏହି ଅଭିଯାନର ଉଦ୍ଦେଶ୍ୟ । ଅପରେସନ୍ ସିନ୍ଦୂର୍‌ର ସଫଳତା ପରେ ଭାରତୀୟ ଜନତା ପାର୍ଟି ପକ୍ଷରୁ ଦେଶବ୍ୟାପୀ ୧୧ ଦିନିଆ ତ୍ରିରଙ୍ଗା ଯାତ୍ରା ଅଭିଯାନ ଗତକାଲିଠାରୁ ଆରମ୍ଭ ହୋଇଛି ।

***Ganjam/R***

# ତ୍ରିରଙ୍ଗା ଶୋଭାଯାତ୍ରା

ଗଞ୍ଜାମ ଜିଲ୍ଲା ସଦର ମହକୁମା ସମେତ ଉପଖଣ୍ଡ ଓ ବ୍ଲକ୍‌ସ୍ତରରେ ବୀର ସୈନିକମାନଙ୍କ ସାହସିକ ପଦକ୍ଷେପକୁ ସମ୍ମାନ ଜଣାଇବାପାଇଁ ଆସନ୍ତାକାଲି ସକାଳେ ଏକ ମଟର ସାଇକେଲ୍ ଶୋଭାଯାତ୍ରା ଅନୁଷ୍ଠିତ ହେବ । ଏଥିରେ ଛାତ୍ରଛାତ୍ରୀ, ଶିକ୍ଷକ-ଶିକ୍ଷୟିତ୍ରୀ, ସମର ଶିକ୍ଷାର୍ଥୀ ବାହିନୀ, କ୍ରୀଡ଼ାବିତ୍, ପୁଲିସ୍

ଏବଂ ସାଧାରଣ ନାଗରିକ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ତ୍ରିରଙ୍ଗା ପତାକା ଧରି ର୍‍ୟାଲିରେ ଯୋଗଦେବାକୁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ଅନୁରୋଧ କରାଯାଇଛି ।

***Kendrapara/R***

## ସେନା ମୁଖ୍ୟ – ହସ୍ତଶିଳ୍ପୀ

ଅପରେସନ୍ ସିନ୍ଦୂରର ସଫଳତାକୁ ନେଇ କେନ୍ଦ୍ରାପଡ଼ା ଜିଲ୍ଲାର ଖଇରାବାଦ ଗ୍ରାମର ହସ୍ତଶିଳ୍ପୀ କମଳା ମହାରଣା ସ୍ଥଳସେନା, ବାୟୁସେନା ଏବଂ ନୌସେନା ମୁଖ୍ୟଙ୍କ ପାଇଁ ହାତତିଆରି ଉପହାର ପଠାଇଛନ୍ତି । ଅଦରକାରୀ ବର୍ଜ୍ୟବସ୍ତୁରୁ ଘରକରଣା ସାମଗ୍ରୀ ପ୍ରସ୍ତୁତ କରି ମନ୍ କୀ ବାତ୍‌ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କଦ୍ୱାରା ପ୍ରଶଂସିତ ହୋଇଥିବା ମହିଳା ହସ୍ତଶିଳ୍ପୀ କାରିଗର କମଳା ମହାରଣା ହାତତିଆରି ଟୋପି ପ୍ରସ୍ତୁତ କରି ତିନିବାହିନୀ ମୁଖ୍ୟଙ୍କ ପାଇଁ ପଠାଇଛନ୍ତି ବୋଲି ଆମ ସମ୍ବାଦଦାତା ସୂଚନା ଦେଇଛନ୍ତି । ଏ ସମ୍ପର୍କରେ କମଳା ମହାରଣା ଆକାଶବାଣୀକୁ କହିଛନ୍ତି :

***Voice*** :........

*Kalahandi/R*

# ବିପର୍ଯ୍ୟୟ କମିଟି ବୈଠକ

କଳାହାଣ୍ଡି ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ଓ ପରିଚାଳନା କମିଟି ବୈଠକ ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ପାଓ୍ୱାର ସଚିନ ପ୍ରକାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପ୍ରାକୃତିକ ବିପର୍ଯ୍ୟୟଜନିତ ସମ୍ଭାବ୍ୟ ବନ୍ୟା, ବାତ୍ୟାର କିପରି ମୁକାବିଲା କରାଯାଇପାରିବ ଏବଂ ଏଥିପାଇଁ ଆବଶ୍ୟକ ଜରୁରୀ ପଦକ୍ଷେପ ଗ୍ରହଣ କରିବା ଉପରେ ଆଲୋଚନା ହୋଇଥିଲା । ଏଥିରେ କଳାହାଣ୍ଡି ସାଂସଦ ମାଳବିକା ଦେବୀଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଯୋଗ ଦେଇଥିଲେ ।

*Khurda/R*

# ଏସ୍.ସି.ଡି.ସି. ବୈଠକ

ଖୋର୍ଦ୍ଧା ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ବିଧାୟକ ପ୍ରଶାନ୍ତ ଜଗଦ୍ଦେବଙ୍କ ଅଧ୍ୟକ୍ଷତାରେ ରାଜ୍ୟ ସମବାୟ ବିକାଶ କମିଟି – ଏସ୍.ସି.ଡି.ସି. ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ' କାର୍ଯ୍ୟକାରୀ ହେଉଥିବା ୪୨ଟି ବିଭାଗର ଉନ୍ନୟନ ଯୋଜନା ଏବଂ ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ବିଧାୟକ ବିଭାଗୀୟ ଅଧିକାରୀଙ୍କଠାରୁ ଅବଗତ ହୋଇଥିଲେ । ପରେ ଖୋର୍ଦ୍ଧା ନିର୍ବାଚନ ମଣ୍ଡଳୀର ତୃଣମୂଳ ସ୍ତରରେ ଲୋକଙ୍କୁ ସରକାରୀ ଯୋଜନାରେ

ସାମିଲ୍ କରାଇବାପାଇଁ ଶ୍ରୀ ଜଗଦ୍ଦେବ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

***Puri/R***

# ଜିଲ୍ଲାପରିଷଦ ବୈଠକ

ପୁରୀ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ସପ୍ତମ ଜିଲ୍ଲା ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ପରିଷଦ ଅଧ୍ୟକ୍ଷ ସ୍ୱପ୍ନାରାଣୀ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଗ୍ରାମର ସାଧାରଣ ଲୋକଙ୍କ ମୌଳିକ ଆବଶ୍ୟକତା ପୂରଣ ପାଇଁ ଗୁରୁତ୍ୱ ଦେବାକୁ ଆଲୋଚନା ହୋଇଥିଲା । ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ବୈଠକରେ ଯୋଗଦେଇ ଜିଲ୍ଲାର ଅର୍ଥନୀତି ତଥା ପର୍ଯ୍ୟଟନର ବିକାଶକୁ ତ୍ୱରାନ୍ୱିତ କରିବାପାଇଁ ପରାମର୍ଶ ଦେଇଥିଲେ । ଏଥିରେ ଲୋକସଭା ସାଂସଦ ସମ୍ବିତ୍ ପାତ୍ରଙ୍କ ସହ ବିଭାଗୀୟ ଅଧିକାରୀମାନେ ଯୋଗ ଦେଇଥିଲେ ।

***Koraput, Puri/R***

# ବଜ୍ରପାତରେ ମୃତ୍ୟୁ

କୋରାପୁଟ ଓ ପୁରୀ ଜିଲ୍ଲାରେ ପୃଥକ୍ ପୃଥକ୍ ଘଟଣାରେ ୪ ଜଣଙ୍କର ମୃତ୍ୟୁ ହୋଇଛି । କୋରାପୁଟ ଜିଲ୍ଲାର ପଟାଙ୍ଗୀ ବ୍ଲକ୍ ଅନ୍ତର୍ଗତ କନ୍ଧପୁଟା ବନ୍ଧ

ଗ୍ରାମର ୩ ଜଣଙ୍କର ବଜ୍ରପାତରେ ମୃତ୍ୟୁ ଘଟିଛି । ମୃତକମାନେ ଚାଷଜମିରେ କାମ କରିବାକୁ ଯିବା ସମୟରେ ବଜ୍ରପାତରେ ସେମାନଙ୍କର ପ୍ରାଣହାନି ଘଟିଛି ବୋଲି ସୂଚନା ମିଳିଛି ।

ସେହିପରି ପୁରୀ ନରେନ୍ଦ୍ର ପୁଷ୍କରିଣୀରେ ଜଣେ ଯୁବକ ଗାଧୋଉଥିବାବେଳେ ବୁଡ଼ିଯାଇ ତାଙ୍କର ମୃତ୍ୟୁ ହୋଇଛି ।

***Met. O.***

# ପାଣିପାଗ

ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଗତକାଲି ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜର କେତେକ ଅଞ୍ଚଳକୁ ସ୍ପର୍ଶ କରିଛି । ଭାରତୀୟ ପାଣିପାଗ ବିଭାଗର ସୂଚନା ଅନୁସାରେ ମୌସୁମୀ ବାୟୁ ଆସନ୍ତା ୨୭ ତାରିଖ ସୁଦ୍ଧା କେରଳ ଛୁଇଁବାର ସମ୍ଭାବନା ରହିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁଯାୟୀ, ଆସନ୍ତା ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ୧୯ଟି ଜିଲ୍ଲାର କେତେକ ସ୍ଥାନରେ ବିଜୁଳି, ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ଥିବାରୁ ସତର୍କ ସୂଚନା ଜାରି କରାଯାଇଛି ।

ଅପର ପକ୍ଷରେ ରାଜ୍ୟରେ ଆଜି ତାପମାତ୍ରା ସାମନ୍ୟ ହ୍ରାସ ପାଇଛି । ୫ଟି ସ୍ଥାନର ତାପମାତ୍ରା ୪୦ ଡିଗ୍ରୀ ସେଲ୍‌ସିୟସ୍ ଉପରେ ରେକର୍ଡ଼

କରାଯାଇଥିବା ବେଳେ ବୌଦ୍ଧଠାରେ ଦିନର ସର୍ବୋଚ୍ଚ ତାପମାତ୍ରା ୪୨ ଦଶମିକ ୫ ଡିଗ୍ରୀ ସେଲ୍‌ସିୟସ୍ ରହିଥିଲା ।

*****